# ପିଲାଙ୍କ ଧରିତ୍ରୀ

ଶନିବାର ,୨୬ ଫେବୃୟାରୀ, ୨୦୨୨



## ଖିଲି ଖିଲି ହସ

(ପାଠପଢ଼ାକୁ ନେଇ ପୁଅକୁ ବାପାଙ୍କ ତାଗିଦ୍...)

**ବାପା:** ଆରେ ଏମିତି ବସିଛୁ କାହିଁକି ? ଯା'ପାଠ ପଢ଼ିବୁ।
**ପୁଅ:** ବାପା ! ପାଠ ପଢ଼ିଲେ କ'ଣ ହେବ ?
**ବାପା:** ଭଲ ଚାକିରି କରିବୁ।
**ପୁଅ:** ଚାକିରି କଲେ କ'ଣ ହେବ ?
**ବାପା:** ତୋର କିଛି ଆଉ ଟେନ୍‌ସନ୍ ରହିବନି, ରିଲାକ୍ସ କରିବୁ।
**ପୁଅ:** ଠିକ୍ କହିଲ ବାପା। ମୁଁ ଏବେ ଆଉ କ'ଣ କରୁଛି କି, ରିଲାକ୍ସ ହିଁ କରୁଛି। ତେଣୁ ରିଲାକ୍ସ ପାଇଁ ଏତେ ପରିଶ୍ରମ କରିବା କ'ଣ ଦରକାର ?

(ପପୁ ପ୍ରଥମଥର ପାଇଁ କମ୍ପ୍ୟୁଟର୍ କ୍ଲାସ୍‌ରେ...)

**ମାଡାମ୍ (ଖୁସିରେ):** ପପୁ ! କଥା କ'ଣ ? ଆଜି ପ୍ରଥମ ଦିନରେ ପୁରା ୧୨ ଘଣ୍ଟା କାମ କଲଣି। ଆଚ୍ଛା କହିଲ, କ'ଣ ସବୁ ଆଜି କରିଛ ?
**ପପୁ:** କି' ବୋର୍ଡରେ a, b, c, d... ଏପଟସେପଟ ହୋଇ ଲେଖାଥିଲା। ତାକୁ ବସି ସବୁ ସଜାଡୁଥିଲି।

(ରାଜୁକୁ ଶିକ୍ଷକଙ୍କ ପ୍ରଶ୍ନ...)

**ଶିକ୍ଷକ:** କହିଲୁ, 'ମାଇକ୍ରୋସଫ୍ଟ ଏକ୍ସଲ' କହିଲେ କ'ଣ ବୁଝୁ ?
**ରାଜୁ:** ସାର୍ ! ଏତେ ସହଜ ପ୍ରଶ୍ନ ! ମୁଁ ତ କେବେ ଭାବି ନ ଥିଲି ଆପଣ ଏଭଳି ପ୍ରଶ୍ନ ପଚାରିବେ ବୋଲି।
**ଶିକ୍ଷକ:** ହଉ, ଏତେ କଥା କହନି। ଉତ୍ତର ଦେ।
**ରାଜୁ:** ସାର୍ ! 'ମାଇକ୍ରୋସଫ୍ଟ ଏକ୍ସଲ୍' ହେଉଛି 'ଶର୍ଫ ଏକ୍ସଲ୍'ର ଗୋଟେ ବ୍ରାଞ୍ଚ, ଯାହା କମ୍ପ୍ୟୁଟର୍ ସଫା କରିବାରେ ବ୍ୟବହାର ହୁଏ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଶିବଲିଙ୍ଗ

## ଗପ



ବେଡ଼ାରେ ସକାଳ ପହରୁ ମେଳା ଜମିଗଲାଣି। ଗାଁରେ ଅନ୍ୟ ଲୋକମାନେ ବାହାରି ଗଲେଣି ମେଳାକୁ। ଚୌଧୁରୀ ବୁଢ଼ାଙ୍କୁ ବେଢ଼ିଛନ୍ତି ଛଅଜଣ ନାତିନାତୁଣୀ, ତିନିପୁଅଙ୍କର ଏ ପିଲାମାନେ। କ'ଣ ନା, ଚାଲ ଜେଜେ ମେଳାକୁ ଯିବା। ଜେଜେ କହୁଥାନ୍ତି, "ଆରେ, ତୁମେ ଯାଉନ। ତୁମ ମା', କାକୀ, ବଡ଼ମା' ପରା ଗଲେଣି ଦର୍ଶନ ପାଇଁ।" କିନ୍ତୁ ପିଲେ ଛାଡ଼ିବାର ନୁହେଁ। ଜେଜେଙ୍କ ସହିତ ଗଲେ ଯେତେ ମଜା, ଅନ୍ୟମାନଙ୍କ ସହିତ ଗଲେ ସେତେ ମଜା ହୁଏନି। ଲିଟୁନ୍, ମୋହନ, ମଞ୍ଜିଲ୍, କିସ୍ମତ, ସ୍ୱାହି ଓ ଦିବ୍ୟଶଙ୍କର ଅଡ଼ିବସିଲେ ଜେଜେଙ୍କୁ ଯେମିତି ହେଲେ ସାଙ୍ଗରେ ନେଇକି ମେଳାକୁ ଯିବେ। ଜେଜେ ଅଗତ୍ୟା କରନ୍ତି କ'ଣ ! ସାଜ ହୋଇ ବଟୁଆ, ବଙ୍କୁଲିବାଡ଼ି ଧରି ବାହାରି ପଡ଼ିଲେ ମେଳାକୁ। ନାତିନାତୁଣୀଏ ଖୁସିରେ ନାଚି ପକାଇଲେ, ଜେଜେଙ୍କୁ ମନେଇ ପାରିଲେ ବୋଲି।

ପିଲେ ଓ ଜେଜେ ମନ୍ଦିର ବାହାରୁ ଠାକୁରଙ୍କୁ ମୁଣ୍ଡିଆ ମାରିଲେ। ତା'ପରେ ଚାଲିଲା ମେଳାବୁଲା। ମେଳାରେ ଦୋଳି ଲାଗିଥାଏ। ହାତୀ, ଘୋଡ଼ା, ବାଘ, ସିଂହ, ଓଟ ଆଦି କାଠରେ ନିର୍ମିତ ଚକ୍ରୀ ବୁଲୁଥାଏ। ଧାଡି ଧାଡି ଦୋକାନରେ ଭଲିକି ଭଲି ଜିନିଷ କିଣାବିକା ଲାଗିଥାଏ। ବିଭିନ୍ନ ଦରବ, ବାବାଜି, ସନ୍ନ୍ୟାସୀଙ୍କୁ ଦେଖେଇ ଜେଜେ ସବୁ ପିଲାଙ୍କୁ ବୁଝେଇ ଦେଉଥା'ନ୍ତି। ଜେଜେଙ୍କ ବଟୁଆ ତ ଟଙ୍କାର ଗୋଟେ ଖଣି, ନାତି ନାତୁଣୀଙ୍କର ମନଲାଖି ଜିନିଷ ସବୁ ବୁଲିବୁଲି ଜେଜେ କିଣି ଦେଉଥା'ନ୍ତି। ଆଜି ସମସ୍ତେ ଦୁଇ ତିନିଟା ଲେଖାଏଁ ଖେଳଣା କିଣିଲେଣି। "ଦିବ୍ୟଶଙ୍କର ତୁମର ତ କିଛି କିଣା ହେଉନି ? କ'ଣ କିଛି ନେବ ନାହିଁକି ?" ଜେଜେ ପଚାରିଲେ। ଦିବ୍ୟ କିଛି କହୁନଥାଏ। ଜେଜେ ବାରମ୍ବାର ପଚାରିବାରୁ କହିଲା, "ହଁ, ମୁଁ ସେ ପଥରବାଟି ଦୋକାନରୁ ଗୋଟେ ଶିବଲିଙ୍ଗ କିଣିବି।" ଜେଜେ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ସେଠି ତାକୁ ଛଅଶହ ଟଙ୍କାରେ ଏକ ଶିବଲିଙ୍ଗ କିଣିଦେଲେ। ଓଜନିଆ ଶିବଲିଙ୍ଗକୁ ଦିବ୍ୟ ପେଟକୁ ଆଉଜେଇ ଶ୍ରଦ୍ଧାର ସହ କୁଣ୍ଢେଇ ଧରି ଚାଲୁଥାଏ। ପିଲେ ଓ ଜେଜେ ନୂଆ ଜିନିଷ ଧରି ଖୁସିରେ ଫେରୁଥାନ୍ତି।

ଜେଜେ ରାସ୍ତାପାଖ ଗଛମୂଳେ ପିଲାଙ୍କୁ ବସାଇ ପଚାରିଲେ, "ଆଚ୍ଛା, ଦିବ୍ୟ ତୁମେ ଏ ଶିବଲିଙ୍ଗ କାହିଁକି କିଣିଲ ? କ'ଣ ଖେଳିବ ?" ଦିବ୍ୟଶଙ୍କର କହିଲା– "ହଁ ଖେଳିହେବ, ପୂଜା ମଧ୍ୟ କରିହେବ। ମା' କାଲି ମୋତେ ବିଛଣାରେ କହୁଥିଲେ, ଶିବ ହେଉଛନ୍ତି ପ୍ରତ୍ୟକ୍ଷ ଠାକୁର। ତାଙ୍କୁ ଡାକିଲେ କୌଣସି ଦୁଃଖ ରହେନି। ପୁରାଣ ବର୍ଣ୍ଣିତ ଉପାଖ୍ୟାନ ଅନୁସାରେ ମହାଦେବଙ୍କଠାରୁ ଆମେ ତ୍ୟାଗ, ନିଷ୍ଠା, ଏକାଗ୍ରତା ଓ ସମାଜକୁ ସୁରକ୍ଷା ଦେବା ଭଳି ଗୁଣ ଶିକ୍ଷା କରିପାରିବା। ଆମେ ସମସ୍ତେ ତାଙ୍କ ଭଳି ଜୀବନକୁ ନିରାଡ଼ମ୍ବର ଭାବେ କର୍ମମୟ କରି ଗଢ଼ି ତୋଳିବା ଉଚିତ। ଶିବଙ୍କୁ ପୂଜା କରିବାବେଳେ ଏହି ସବୁ କଥା ମନେପଡ଼ିବା ସହିତ ସବୁବେଳେ ଭଲ କାମ କରିବାକୁ ଇଚ୍ଛା ହୁଏ।" ଜେଜେ ଅନ୍ୟମନସ୍କ ହେଉଗଲେ ସାନନାତିର କଥାଶୁଣି। ତା' ମୁଣ୍ଡ ସାଉଁଳେଇ କହିଲେ, "ହଁ, ତୋ ଧାରଣା ଠିକ୍। ବଡ଼ ଓ ଭଲ ହେବାକୁ ହେଲେ ସତ୍ୟ ଓ ଧର୍ମ ଦୁଇଟାଯାକ ଆବଶ୍ୟକ। ଆଉ ଶିବଲିଙ୍ଗ ମାଧ୍ୟମରେ ହିଁ ସମାଜକୁ ଏହି ଶିକ୍ଷା ମିଳିଥାଏ।"

**–ଶିବ ପ୍ରସାଦ ରାଉତ**
ବଛଦା, ଜଗନ୍ନାଥପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

# ମତାମତ

❖ ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ବୁଦ୍ଧିଆ କଇଁଛ'ଟି ଶିକ୍ଷଣୀୟ ହୋଇଛି। ନିଜ ବୁଦ୍ଧି ବଳରେ କଇଁଛଟି କିପରି ନିଜକୁ ବଞ୍ଚାଇ ପାରିଛି ତାହା ଏହି ଗପରୁ ଜାଣିବାକୁ ମିଳିଲା।

**– ରଣଜିତ୍ ସିଂ, ତୋଟାପଡ଼ା, ପୁରୀ**

❖ 'ଖିଲି ଖିଲି ହସ' ଓ 'ଚଗଲା ଭୀମୁ' ସ୍ତମ୍ଭ ଦୁଇଟି ମୋର ବହୁତ ପସନ୍ଦ। ଏହାକୁ ମୁଁ ସବୁବେଳେ ପଢ଼େ।

**–ଦୀପ୍ତିରେଖା ସାମନ୍ତ, କବିସୂର୍ଯ୍ୟନଗର, ଗଞ୍ଜାମ**

❖ ଶିଶୁ ବୈଜ୍ଞାନିକମାନଙ୍କ ଉପରେ ପ୍ରକାଶିତ ଲେଖାଟିରୁ କିଛି ନୂଆ କଥା ଶିଖିବାକୁ ମିଳିଲା। ଏହା ପିଲାଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ।

**–ପ୍ରିୟାଂଶୀ ପାତ୍ର, ବେଲପଡ଼ା, ବଲାଙ୍ଗୀର**

❖ ପିଲାଙ୍କ ଧରିତ୍ରୀରେ ସେଲ୍‌ଫି କର୍ଣ୍ଣର ଫଟୋ ପ୍ରକାଶ ପାଇଲେ ଭଲ ହେବ।

**– ପ୍ରତିମା ଗଉଡ଼, ଭୀମକେଲା, କଳାହାଣ୍ଡି**

❖ 'ଶିଶୁ ପ୍ରତିଭା'ରେ ବାହାରିଥିବା ଆୟାଁଶଙ୍କ ବିଷୟରେ ପଢ଼ି ପ୍ରେରଣା ମିଳିଲା।

**– ସୁପ୍ରଭା ପତି, କାମାକ୍ଷାନଗର, ଢେଙ୍କାନାଳ**

## ରଙ୍ଗ ଦିଅ



## ଚଗଲା ଭୀମୁ




## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

କାର୍ଟୁନ୍ ପ୍ରୋଗ୍ରାମ ସମୟ ଆସିଲେ ଟିଭି ଆଗରୁ ପିଲାଙ୍କୁ ଉଠାଇବା କଷ୍ଟ। ଏହାର ମନଲୋଭା ଆନିମେଶନ୍ ଦେଖି ନା କେବଳ ସେମାନେ ଏଞ୍ଜାୟ କରନ୍ତି ବରଂ ନିଜ ଫେଭରେଟ୍ କାର୍ଟୁନ୍ କ୍ୟାରେକ୍ଟର ସହ ଏଭଳି ଜଡ଼ିତ ହୋଇଯା'ନ୍ତି ଯେ, ବାସ୍ତବ ଜୀବନରେ ବି ଏହାର ନକଲ କରିବାକୁ ପଛାନ୍ତି ନାହିଁ। ତେବେ ଏପରି ଲୋକପ୍ରିୟ କାର୍ଟୁନ୍ ଫିଲ୍ମ ହେଉ ଅବା ସିରିଏଲ୍ ପ୍ରସ୍ତୁତ ହେବା ପଛରେ ବି ରହିଛି ଅନେକ ମଜାଦାର କାହାଣୀ...



# କାର୍ଟୁନ କିଛି ଅଜଣା କଥା

ବର୍ତ୍ତମାନ ଆଉ କେବଳ ଟିଭି ନୁହେଁ, କମ୍ପ୍ୟୁଟରଠାରୁ ଆରମ୍ଭ କରି ମୋବାଇଲ୍‌ରେ ବି ଇଣ୍ଟରନେଟ୍ ଜରିଆରେ କାର୍ଟୁନ୍ ସିରିଜ୍‌ରୁ ଫିଲ୍ମ ପର୍ଯ୍ୟନ୍ତ ସବୁକିଛି ସହଜରେ ଦେଖି ହେଉଛି; ଯାହାକୁ ଅନେକେ ବିଶେଷକରି ପିଲାମାନେ ଦେଖିବାକୁ ଅଧିକ ପସନ୍ଦ କରନ୍ତି। ଏହାର ଜୀବନ୍ତ ଲାଗୁଥିବା ଆନିମେଟେଡ୍ କାର୍ଟୁନ୍ ଚରିତ୍ରଗୁଡ଼ିକ ଦେଖିବାକୁ ଭାରି ମଜା ଲାଗେ। ହେଲେ ପିଲାମାନେ ଜାଣିଛ କି ଏହି କାର୍ଟୁନ୍ ଫିଲ୍ମ ଏବଂ ସିରିଜ୍‌ଗୁଡ଼ିକ ପ୍ରସ୍ତୁତ ହେବା ପଛରେ ଅନେକ କାହାଣୀ ରହିଛି। ଜାଣନ୍ତୁ ଏ ସମ୍ପର୍କରେ...



## ହ୍ୟାରି ପୋଟର୍

ପିଲାମାନେ, ତୁମେମାନେ ହ୍ୟାରି ପୋଟର୍ ଦେଖିବାକୁ ଭଲପାଅନା! ତେବେ ଜାଣିଛ ଜେ.କେ. ରାଓଲିଙ୍ଗଙ୍କ ଦ୍ୱାରା ଲିଖିତ ଏହି ବହି ପ୍ରକାଶିତ ହେବା ପୂର୍ବରୁ ୧୨ଥର ରିଜେକ୍ଟ କରାଯାଇଥିଲା। ପର ମୁହୂର୍ତ୍ତରେ ଏହି ବହିକୁ ଫିଲ୍ମ ପାଇଁ ବଛାଯାଇଥିଲା। ଏହି ଫିଲ୍ମର ସବୁ ସିରିଜ୍ ବ୍ରିଟେନ୍‌ରେ ହିଁ ଶୁଟିଂ କରାଯାଇଥିଲା। ହ୍ୟାରି ପୋଟର୍ ଚରିତ୍ରରେ ଅଭିନୟ କରିଥିବା ଅଭିନେତାଙ୍କ ପ୍ରକୃତ ନାମ ଡାନିୟଲ ରେଡ୍‌କ୍ଲିଫ୍। ଫିଲ୍ମର ନିର୍ଦ୍ଦେଶକ ଏହି ଫିଲ୍ମର ୩ ମୁଖ୍ୟ ଚରିତ୍ରଙ୍କୁ ନିଜ ଅଭିନୟ ବିଷୟରେ ବୁଝାଇବାକୁ ଯାଇ ସେମାନଙ୍କୁ ସେହି ବିଷୟରେ ଲେଖିବାକୁ କହିଥିଲେ। ଏମା ୱାଟସନ୍ ନିଜର ହରମାଇନ ଚରିତ୍ର ପାଇଁ ୧୬ ପୃଷ୍ଠାର ପ୍ରବନ୍ଧ ଲେଖିଥିଲେ। ହ୍ୟାରି ପୋଟର୍ ଫିଲ୍ମର 'ହାଫ୍ ବ୍ଲଡ୍ ପ୍ରିନ୍ସ' ସିରିଜ୍‌ରେ ଏକ ସହର ଜଳିବାର ଦୃଶ୍ୟ ରଖାଯାଇଛି। ଏହି ସେଟ୍‌କୁ ପ୍ରସ୍ତୁତ କରିବା ପାଇଁ ୧୪ ସପ୍ତାହ ସମୟ ଲାଗିଥିବା ବେଳେ ଜଳିବା ପାଇଁ ମାତ୍ର ୬ ମିନିଟ୍ ଲାଗିଥିଲା। ହ୍ୟାରି ପୋଟର୍‌ର ପାଣି ଭିତରେ ଏକ ଦୃଶ୍ୟ ଶୁଟିଂ ପାଇଁ ଡାନିୟଲଙ୍କୁ ପାଣିରେ ୪୧ ଘଣ୍ଟା ୩୮ ମିନିଟ୍ ରହିବାକୁ ପଡ଼ିଥିଲା।

## ଟମ୍ ଆଣ୍ଡ ଜେରୀ

ତୁମମାନଙ୍କ ଫେଭରେଟ୍ କାର୍ଟୁନ୍ ଲିଷ୍ଟ ଭିତରେ ଟମ୍ ଆଣ୍ଡ ଜେରୀ ତ ନିହାତି ଥିବ! ସେମାନଙ୍କ ଝଗଡ଼ା ଦେଖିବାକୁ କାହାକୁ ବା ମଜା ନ ଲାଗେ। ଏହି ଶୋ'ଟି ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଲୋକପ୍ରିୟତା ହାସଲ କରିଛି। ତୁମେମାନେ ଜାଣିଛ ଏହି କାର୍ଟୁନ୍‌ର ଜନକ ହେଉଛନ୍ତି ଜୋଶେଫ ବାରବରା ଏବଂ ୱିଲିୟମ ହନା। ପ୍ରଥମେ ଏହାକୁ ଶର୍ଟ ଫିଲ୍ମ ଭାବରେ ୧୦ ଫେବୃୟାରୀ ୧୯୪୦ରେ ଟେଲିକାଷ୍ଟ କରାଯାଇଥିଲା। ଫିଲ୍ମର ନାଁ ଥିଲା 'ପୁସ୍ ଗେଟ୍ ଦି ବୁଟ୍'। ଏହି ଫିଲ୍ମଟି ୯ ମିନିଟ୍ ୮ ସେକେଣ୍ଡର ଥିଲା। ଜାଣି ଆଶ୍ଚର୍ଯ୍ୟ ହେବ, ପ୍ରଥମ ଏପିସୋଡ୍‌ରେ ଟମ୍‌ର ନାଁ 'ଜାସପର୍' ଏବଂ ଜେରୀର ନାଁ 'ଜିନ୍‌କ୍ସ' ଥିଲା। ତେବେ ଏହି କାର୍ଟୁନ୍ କ୍ରିଏଟରଙ୍କୁ ଏଭଳି ନାଁ ଭଲ ଲାଗି ନ ଥିଲା। ସେଥିପାଇଁ ସେମାନେ ଏକ ପ୍ରତିଯୋଗିତା କରିଥିଲେ। ସେଥିରେ ଜଣେ ପ୍ରତିଯୋଗୀ ଟମ୍ ଏବଂ ଜେରୀ ନାଁ ରଖିବାକୁ ମତ ଦେଇଥିଲେ। ଏହି ନାଁ ସମସ୍ତଙ୍କୁ ପସନ୍ଦ ଆସିଥିବାରୁ ଉକ୍ତ ପ୍ରତିଯୋଗୀଙ୍କୁ ଏଥିପାଇଁ ୫୦ ଡଲାର ପୁରସ୍କାର ଦିଆଯାଇଥିଲା। ପ୍ରଥମରୁ ଟେଲିକାଷ୍ଟ କରାଯାଇଥିବା ସବୁ ଶୋ'ରେ ଟମ୍ ଆଣ୍ଡ ଜେରୀ ଭଲ ସାଙ୍ଗ ଥିଲେ, ହେଲେ ଦର୍ଶକଙ୍କ ରୁଚି ଅନୁଯାୟୀ ସେମାନଙ୍କ ସବୁ ଶୋ'କୁ ଫାଇଟିଂ ଷ୍ଟୋରି କରାଯାଇଥିଲା। ଟମ୍ ଆଣ୍ଡ ଜେରୀର ପପୁଲାରିଟିକୁ ଦେଖି ନାସା ତା'ର ଦୁଇଟି ସାଟେଲାଇଟ୍‌ର ନାଁ ମଧ୍ୟ ଟମ୍ ଆଣ୍ଡ ଜେରୀ ରଖିଛି।

## ବ୍ୟାଟ୍ ମ୍ୟାନ


ପିଲାମାନେ ତୁମମାନଙ୍କୁ ସୁପରହିରୋ ଭଲଲାଗନ୍ତି ନା! ବ୍ୟାଟ୍ ମ୍ୟାନ, ସୁପର ମ୍ୟାନ, ସ୍ପାଇଡର ମ୍ୟାନ, ଆହୁରି କେତେ କ'ଣ। ତେବେ ତୁମେମାନେ ବୋଧହୁଏ ବ୍ୟାଟ୍ ମ୍ୟାନର ସବୁ ସିକ୍ରେଟ ଜାଣି ନ ଥିବ। ତେବେ ଜାଣିଛ ବ୍ୟାଟ୍ ମ୍ୟାନ ପ୍ରଥମେ ୧୯୩୯ରେ ଡିଟେକ୍ଟିଭ କମିକ୍ସରେ ଆସିଥିଲା। ପରେ ଲେଖକ ବିଲ୍ ଫିଙ୍ଗର୍ ସହ ଜଣେ ଆମେରିକାନ୍ ଆନିମେଟର୍ ବବ୍ କେନ୍ ମିଶି ବ୍ୟାଟ୍‌ମ୍ୟାନ ଚରିତ୍ରକୁ ସୃଷ୍ଟି କରିଥିଲେ ଏବଂ ଏହାର କାର୍ଟୁନ ସିରିଜ୍ ଆରମ୍ଭ କରିଥିଲେ। ଅନ୍ୟ ସୁପରହିରୋଙ୍କ ପରି ବ୍ୟାଟ୍ ମ୍ୟାନର କୌଣସି ସୁପର ପାୱାର ନାହିଁ। ସେ ତା'ର ଚତୁରତା, ମାର୍ଶାଲ ଆର୍ଟ ଏବଂ ଡିଟେକ୍ଟିଭ ଗୁଣ ପାଇଁ ପରିଚିତ। ତେବେ ଏହି ଭୂମିକାରେ ଅଭିନୟ କରିଥିବା ଅଭିନେତା ହେଉଛନ୍ତି ବ୍ରୁସ ୱେନ। ଏହି କାର୍ଟୁନ୍‌ରେ ଅଭିନୟ କରୁଥିବା ବ୍ୟାଟ୍ ମ୍ୟାନର ଗର୍ଲଫ୍ରେଣ୍ଡ କ୍ୟାଟ୍ ଓ ମ୍ୟାନ୍‌ର ପ୍ରକୃତ ନାଁ ସେଲିନା କାଇଲ। ସେ ବ୍ୟାଟ ମ୍ୟାନର ଗର୍ଲଫ୍ରେଣ୍ଡ ସହ ଭିଲିଆନ୍ ରୋଲରେ ମଧ୍ୟ ଅଭିନୟ କରୁଥିଲେ। ନିଜ କାର୍ଟୁନ୍ ଚରିତ୍ର ପରି ସେମାନେ ରିୟଲ ଲାଇଫ୍‌ରେ ମଧ୍ୟ ବିବାହ କରିଛନ୍ତି।

## ଆଇରନ୍ ମ୍ୟାନ

ପିଲାମାନେ ତମମାନଙ୍କୁ ଆଇରନ୍ ମ୍ୟାନ ଦେଖିବାକୁ ଭଲଲାଗେ କି ? ଯଦି ହଁ ତେବେ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ଆଇରନ୍ ମ୍ୟାନର ଏହି ଚରିତ୍ର ୫୦ ବର୍ଷ ପୂର୍ବରୁ ସୃଷ୍ଟି କରାଯାଇଥିଲା। ମାର୍ଭେଲ କମିକ୍ସର ଆଇରନ୍ ମ୍ୟାନ ପ୍ରଥମେ ଆମେରିକାନ୍ କମିକ୍ସ ବୁକ୍‌ରେ ସୁପର ହିରୋ ଥିଲେ। ପରେ ଏହାର ଲୋକପ୍ରିୟତା ଯୋଗୁ ଆଇରନ୍ ମ୍ୟାନ ଉପରେ ଟିଭି ସିରିଜ୍ ଏବଂ ଦି ଆଭେଞ୍ଜରସ୍ ଫିଲ୍ମ ପ୍ରସ୍ତୁତ ହୋଇଥିଲା। ଆଇରନ୍ ମ୍ୟାନକୁ ୧୯୬୩ ମସିହାରେ 'ଟେଲ୍‌ସ ଅଫ୍ ସସ୍‌ପେନ୍ସ ନଂ ୩୯'ରେ ପ୍ରଥମେ ଦେଖାଯାଇଥିଲା। ଜ୍ୟାକ୍ କିର୍ବି ଆଇରନ୍ ମ୍ୟାନର ବ୍ୟାଟେଲ୍ ସୁଟ୍‌କୁ ଡିଜାଇନ୍ କରିଥିଲେ। ଟୋନି ଷ୍ଟାର୍କ ଆଇରନ୍ ମ୍ୟାନ୍ ଭୂମିକାରେ ଚମତ୍କାର ପ୍ରଦର୍ଶନ କରି ଦର୍ଶକମାନଙ୍କର ମନ ଜିଣିଥିଲେ। ଏହାର ପ୍ରଥମ ସିରିଜ୍ 'ଆଇରନ୍ ମ୍ୟାନ' (୨୦୦୮) ୫୮୫ ମିଲିୟନ ଡଲାର ଆୟ କରିଥିଲା।


## ମିକି ମାଉସ୍

ୱାଲଟ୍ ଡିଜ୍‌ନି ୧୯୨୭ ମସିହାରେ 'ଓସ୍‌ୱାଲ୍ଡ ଦି ଲକି ରାବିଟ୍' (ଯାହାକି ଓସ୍‌ୱାଲଡ୍ ରାବିଟ୍ ଭାବେ ଜଣାଶୁଣା) ଚରିତ୍ରକୁ ସୃଷ୍ଟି କରିଥିଲେ। ଏହି କାର୍ଟୁନ୍‌ଟି ସବୁଆଡ଼େ ଲୋକପ୍ରିୟତା ହାସଲ କରିଥିଲା। ପରେ ମିକି ମାଉସ୍ ସୃଷ୍ଟି କରାଯାଇଥିଲା। ଏପିସୋଡ୍ ଆରମ୍ଭରୁ ମିକି ମାଉସ୍‌ର ନାଁ ଥିଲା ମୋର୍ଟିମୋର ମାଉସ୍। ଡିଜ୍‌ନି କମ୍ପାନୀର ନିର୍ମାତା ୱାଲଟ୍ ଡିଜ୍‌ନି ତାଙ୍କ ସ୍ତ୍ରୀ ଲିଲିଆନ ଡିଜ୍‌ନିଙ୍କ ଅନୁରୋଧ କ୍ରମେ ଏହି ନାଁ ବଦଳରେ ମିକି ମାଉସ୍ ରଖିଥିଲେ। ମିକି ମାଉସ୍ ବିଶ୍ୱରେ ଫେମସ୍ କାର୍ଟୁନରେ ପରିଗଣିତ ହୋଇଗଲା। ପରେ ଏହାର ଲୋକପ୍ରିୟତାକୁ ଦେଖି ମିକି ମାଉସ୍‌ର ଗର୍ଲଫ୍ରେଣ୍ଡ ମିନି ମାଉସ୍, ବେଷ୍ଟ ଫ୍ରେଣ୍ଡ ଗୁଫି, ପ୍ଲୁଟୋ ଏବଂ ଡୋନାଲ୍ଡ ଡକ୍ ଏବଂ ଡେଜି ଡକ୍‌ର ଚରିତ୍ର ତିଆରି କରାଯାଇଥିଲା।



# ତୁମ ତୂଳୀରୁ





୧



୨




୩



୪



୫




୬



୭



୮



୯



୧୦



୧୧



୧୨



ସାକ୍ଷୀର୍ ସିମରନ୍
କ୍ଲାସ– ୬, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ରାୟଗଡ଼ା
୧



ଦିବ୍ୟକୃପା ଦାସ
କ୍ଲାସ–୬, କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ା
୨



ଓମ୍ ସାଗର ଦାସ
କ୍ଲାସ– ୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଭି.ଏସ.ଏସ୍. ନଗର ,ଭୁବନେଶ୍ୱର
୩



ନୈନିକା ସାମଲ
କ୍ଲାସ–୪, ମଦର୍ସ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
୪



ସ୍ନେହାସ୍ୱିନୀ ଦାସ ମହାପାତ୍ର
କ୍ଲାସ–୨, ଦରିପୋଖରୀ ପ୍ରାଇମେରୀ ସ୍କୁଲ, ଔପଦା, ବାଲେଶ୍ୱର
୫



ସୋନାଲୀ ବାରିକ
କ୍ଲାସ–୬, ଖାନନଗର ନୋଡ଼ାଲ୍ ହାଇସ୍କୁଲ, କଟକ
୬



ଉନ୍ନତି ମିଶ୍ର
କ୍ଲାସ–୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅସୁରାଳି, ଭଦ୍ରକ
୭



ଅଭିସୁମତ୍ ସାମଲ
କ୍ଲାସ– ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର
୮



ଅନୁଷ୍କା ମୁଖାର୍ଜୀ
କ୍ଲାସ– ୬, ଦିପ୍ତୀ କନଭେଣ୍ଟ ସ୍କୁଲ, ରାୟଗଡ଼ା
୯



ଜୟପ୍ରକାଶ ଲେଙ୍କା
କ୍ଲାସ–୭, ବୋରିକିନା ହାଇସ୍କୁଲ, ଜଗତସିଂହପୁର
୧୦



ଆଦ୍ୟା ମହାପାତ୍ର
କ୍ଲାସ–୪, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍ଏସନଗର, ଭୁବନେଶ୍ୱର
୧୧



ଗାୟତ୍ରୀ ସାହୁ
କ୍ଲାସ–୪, ଶ୍ରୀ ଜୟଦେବ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର
୧୨




## ଧରାକୁ ଆସିଛି ମୁଁ

ଶିରି ଶିରି ଏବେ ମଳୟ ବହୁଛି
କୋଇଲି ଗାଉଛି କୁ'
ଝରିଝରି ପଡ଼େ ବଉଳରୁ ମହୁ
ଶୀତ ତ କଲାଣି ଛୁ'
ଧରାକୁ ଆସିଛି ମୁଁ
ଆମ୍ବଚଣାଠାରୁ ମୋ କଥା ଶୁଣିବ
ହେବନାହିଁ ଉଁ ଚୁଁ।
ଋତୁଟିଏ ମୁହିଁ ମୋ ନାଁ ବସନ୍ତ
ଋତୁରାଜ କିଏ କହେ
ଫାଲ୍‌ଗୁନ ଚୈତ୍ର ଦୁଇମାସ ପରା
ଏ ଧରାରେ ମୁହିଁ ରହେ
ଆମେମରେ ଖେଳିବା ହୋଲି
ଶିମିଳି, ପଳାଶ ଫୁଲ ଚାହିଁଲେଣି
ଆମକୁ ଦେଖିବେ ବୋଲି।

**–ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର

## ଫଗୁଣ ଆସିଲା

ଉତ୍ତରା ପବନ ବନ୍ଦ ହେବା କ୍ଷଣି
ଦକ୍ଷିଣା ପବନ ବହିଲା
ଶୀତର ରାଜୁତି ସରି ସରି ଗଲା
ଧରାକୁ ଫଗୁଣ ଆସିଲା।
ମୃଦୁ ମୃଦୁ ମନ୍ଦ ସମିର ବହିଣ
ମନ ଉଲ୍ଲସିତ କରିଲା
ବନ ଉପବନ କୁସୁମେ ମଣ୍ଡିତ
ହୋଇ କେଡ଼େ ତୋରା ଦିଶିଲା।
ବୃକ୍ଷ ଡାଳେ ବସି ଆନନ୍ଦ ମନରେ
କୋଇଲି ପଞ୍ଚମେ ଗାଇଲା
ଆମ୍ର ବକୁଳର ଅଭୁଲା ସୁବାସ
ସବୁରି ମନକୁ ମୋହିଲା।

**–ସୁଧାକର ରାଉତ**
ପ୍ରତାପ ନଗରୀ, କଟକ

## ଆସିବ ସୁଦିନ ଫେରି

ଗଛ ପରା ଆମ ଜୀବନ ଧନ
ତା'ପାଇଁ ପାଉଛେ ପାଣି ପବନ,
ଫୁଲ ଫଳ ଜାଳ ଛାଇ
ଜୀବଜଗତକୁ ଯୋଗେଇ ଦେବାରେ
ମନ ଊଣା କରେ ନାହିଁ।
ଆହୁରି ଅନେକ ତା' ଅବଦାନ
ନିରନ୍ତର ଦିଏ ଅମଳଜାନ,
ମହୁ ଝୁଣା ଲାଖ ତୁଳା
ପଢ଼ା ଲେଖା ପାଇଁ ଦିଏ ପୁଣି ସେହି
କାଗଜ ବି ପୁଳା ପୁଳା।
ଗାଇଲେ ସରିବ ନାହିଁ ତା' ଗାଥା
ସିଏ ବଡ଼ ଦିଅଁ ପିତା ଓ ମାତା,
ଆଉ କରିବାନି ଡେରି
ଆସ ସାଙ୍ଗ ସାଥୀ ଗଛ ଲଗାଇବା
ଆସିବ ସୁଦିନ ଫେରି।

**–ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର

## ଘର

ଘରଟି ମୋର ଭାରି ସୁନ୍ଦର
ବାପା ମାଆ ଥିଲେ ସାଥେ
ହସ ଖୁସିରେ ସରଇ ଦିନ
ଜାଣି ପାରେ ନାହିଁ ସତେ।
ଭାଇ ଭଉଣୀ ସାଥେ ଝଗଡ଼ା
ବଢ଼ାଏ ସ୍ନେହ ଆଦର
ଅଧିକ ପାଟିତୁଣ୍ଡ କରିଲେ
ଡର ଥାଏ ମାଆଙ୍କର।
ଜେଜୀମାଆଙ୍କ ତୁଣ ତିଅଣ
ହାତ ଚାଟି ଚାଟି ଖାଏ



ଜେଜେବାପାଙ୍କ ଅଳ୍ପ କଥାରେ
କେତେ କଥା ଶିଖି ହୁଏ।
ଏ ଘରୁ ଶିଖୁ ଶିକ୍ଷା ସଂସ୍କାର
ଭଲ ମଣିଷର ଗୁଣ
ଘର ନୁହେଁ ଏ ତ ସରଗପୁର
ରହିବ ସଦା ସ୍ମରଣ।

**–ସମର୍ପିତା ପାଣିଗ୍ରାହୀ**
କ୍ଲାସ –୮, ମଡର୍ନ ଇଂରାଜୀ ବିଦ୍ୟାଳୟ, ଜୟପୁର, କୋରାପୁଟ

## କହିଲ ଦେଖି

କଞ୍ଚା ବେଳେ ତରକାରି ମୁଁ ହୁଏ
ପାଚିଲେ ଭକତ ମନ୍ଦିର ନିଏ
ପ୍ରତ୍ୟେକ ପୂଜାକୁ ମୁଁ ଆଗ ଯାଏ
ହଳଦିଆ ଚୋପା ଭିତରେ ଥାଏ
ଛଡ଼େଇଲେ ମତେ ସହଜେ ପାଏ
କହିକି ପାରିବ ମୋ ନାମ କିଏ ?
ଉ: **କଦଳୀ**



ମୋ ଦେହରେ ଥାଏ ଦୁଇଟି ଚକ
ବିନା ତେଲରେ ମୁଁ ଚାଲେ ଅନେକ
ପେଡାଲ ମାରିଣ ଚଳାନ୍ତି ଲୋକ
ଘଣ୍ଟି ଟିଙ୍ଗ୍ ଟିଙ୍ଗ୍ କରେ ଚାଳକ
ସାଇତିଲେ ରୁହେ ଜୀବନଯାକ
କୁହ ମୋର ନାମ କିସ ବାଳକ ?
ଉ: **ସାଇକେଲ**





ତିନୋଟି କଣ୍ଟାରେ ଖେଳ ମୁଁ କରେ
ଏକ ଠାରୁ ବାର ଯାଏଁ ମୁଁ ଘୂରେ
ଥାଏ କେବେ ମୁହିଁ କାହା ହାତରେ
ପୁଣି କେବେ ଟଙ୍ଗା ହୁଏ କାନ୍ଥରେ
ଟିକ୍ ଟିକ୍ ମୋର ଶବଦ କରେ
କହି ଦିଅ ତେବେ ମୋ ନାମଟି ରେ ?
ଉ: **ଘଡ଼ି**



ବସନ୍ତ ଋତୁରେ ମୋ କୁହୁ ଭାସେ
ମୋ ତାନରେ ସାରା ଜଙ୍ଗଲ ହସେ
ମୋ ରୂପଟି କଳା ଉଡ଼େ ଆକାଶେ
ଆମ୍ବ ବଉଳିଲେ ମୁଁ ଡାଳେ ବସେ
ଋତୁରାଜା ସହ ମୁଁ ପରା ଆସେ
କହିପାରିବ ମୋ ନାଆଁ କିଏ ସେ ?
ଉ: **କୋଇଲି**

**–ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଏଥରର

- ପ୍ରଥମ ବିଶ୍ୱ ଯୁଦ୍ଧ କେବେ ହୋଇଥିଲା ?
- ବାୟୁମଣ୍ଡଳରେ କେଉଁ ଗ୍ୟାସ ଅଧିକ ହେବା ଯୋଗୁଁ ଗ୍ଲୋବାଲ ୱାର୍ମିଂ ହୋଇଥାଏ ?
- ବିଶ୍ୱରେ କେଉଁ ଜଙ୍ଗଲକୁ ରେନ୍‌ଫରେଷ୍ଟର ଆଖ୍ୟା ଦିଆଯାଇଛି ?
- ଆଫ୍ରିକାର କେଉଁ ଦେଶ ଚକୋଲେଟ୍ ପାଇଁ ପ୍ରସିଦ୍ଧ ?
- ପବନର ବେଗ ଜାଣିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?

## ଗତଥରର ଉତ୍ତର

- ବଲ୍ଲୁ
- ପାଳଙ୍ଗ
- ଜାସପର୍ ଓ ଜିନକ୍ସ
- ସିମ୍ବା
- ସ୍କୁବର୍ଟ ସ୍କୁବି–ଡୁ




## ଗିନିଜ୍ ୱାର୍ଲ୍ଡ ରେକର୍ଡ

ନିତିଦିନିଆ ଜୀବନରେ ତୁମେମାନେ ସିଡି ଚଢିବା ପାଇଁ ଲିଫ୍ଟ କିମ୍ବା ଏସ୍କେଲେଟର ବ୍ୟବହାର କରୁଥିବ। ହେଲେ ତୁମେମାନେ ଜାଣିଛ ତୁମ ଭଳି ୯ବର୍ଷର ଆଦଭ ସୁକୁମାର ହୁଲା ହୁପିଙ୍ଗ କରି ୫୦ଟି ପାହାଚ ଚଢି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଚେନ୍ନାଇର ସୁକୁମାର ୫୦ଟି ପାହାଚ ଚଢିବାକୁ ୧୮.୨୮ସେକେଣ୍ଡ ସମୟ ନେଇଥିଲେ। ପ୍ରଥମେ ସେ ଅଣ୍ଟାରେ ହୁଲା ହୁପିଙ୍ଗକୁ ଘୂରେଇ ୩୮ଟି ପାହାଚ ଚଢିଥିଲେ, ପର ବିଲ୍ଡିଙ୍ଗ୍‌କୁ ଯିବା ପାଇଁ ପୁଣିଥରେ ୧୨ଟି ପାହାଚ ଚଢିଲେ। ଏହି ଗିନିଜ ରେକର୍ଡ କରିବା ଲକ୍ଷ୍ୟ ରଖି ସେ ଦୁଇ ବର୍ଷ ପୂର୍ବରୁ ଅଭ୍ୟାସ କରିଥିଲେ। ପରେ ସେ ସବୁ ରେକର୍ଡ ଭାଙ୍ଗି ଗିନିଜ୍‌ରେ ସ୍ଥାନ ପାଇଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ହ୍ୟାଣ୍ଡେଲରେ ଏହି ଭିଡିଓ ଭାଇରାଲ୍ ହେବା ପରେ ସମସ୍ତେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ପୂର୍ବରୁ ୟୁଏସ୍‌ର ଆଶ୍ରିତ ଫରମ୍ୟାନ ୨୩.୩୯ ସେକେଣ୍ଡରେ କରିଥିବା ରେକର୍ଡକୁ ଭାଙ୍ଗିଛନ୍ତି ସୁକୁମାର।

## ଯଙ୍ଗ ହୁଲା ହୁପର



# ଜଣା ଅଜଣା



## ୨୩୦ ଖଣ୍ଡ ହାଡ଼ ଥିବା ପ୍ରାଣୀ

ମଣିଷମାନଙ୍କର ସାଧାରଣତଃ ୨୦୬ ଖଣ୍ଡ ହାଡ଼ ଥିଲାବେଳେ ବିଲେଇମାନଙ୍କର ୨୩୦ ଖଣ୍ଡ ହାଡ଼ ଥାଏ। ଏମାନେ ନିଜର ଲମ୍ବଠାରୁ ପ୍ରାୟ ୬ ଗୁଣ ଅଧିକ ବାଟ ପର୍ଯ୍ୟନ୍ତ ଡେଇଁପାରନ୍ତି। ଏମାନଙ୍କର ୧୮ଟି ଆଙ୍ଗୁଠି ଥାଏ ଏବଂ ରାତିରେ ଏମାନେ ଭଲଭାବେ ଦେଖିପାରନ୍ତି।



## ସୁନା ଉତ୍ପାଦନକାରୀ ଦେଶ

ବିଶ୍ୱରେ ସବୁଠୁ ଅଧିକ ସୁନା ଉତ୍ପାଦନରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ଏଠାରେ ବାର୍ଷିକ ୪୨୦ ଟନ୍ ସୁନା ଉତ୍ପାଦିତ ହୋଇଥାଏ ବୋଲି ୨୦୨୧ରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଯାହା ସମଗ୍ର ପୃଥିବୀରେ ଉତ୍ପାଦିତ ସୁନାର ୧୧ ପ୍ରତିଶତ। ଚାଇନା ପଛକୁ ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ (୩୩୦ଟନ୍) ଥିବାବେଳେ ରୁଷିଆ (୩୧୦ଟନ୍) ତୃତୀୟରେ ରହିଛି।




## ଅଧିକ ଥଣ୍ଡାରେ ବାସ କରୁଥିବା ପ୍ରାଣୀ

ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ଚମରୀ ଗାଈ ସବୁଠୁ ଉଚ୍ଚ ସ୍ଥାନରେ ଏବଂ ଅଧିକ ଥଣ୍ଡାରେ ବାସ କରନ୍ତି। ସାଧାରଣ ଗାଈଙ୍କ ପରି ଏମାନଙ୍କର ୨ଟି ପାକସ୍ଥଳୀ ରହିଛି, ଯାହା ଖାଦ୍ୟ ହଜମରେ ସାହାଯ୍ୟ କରେ। ନିଜ ଶରୀରରେ ଥିବା ଲୋମ ଯୋଗୁ ଏମାନେ –୪୦° ସେଲ୍‌ସିୟସ୍ କିମ୍ବା ତା'ଠାରୁ କମ୍ ତାପମାତ୍ରା ଏପରିକି ବରଫ ଉପରେ ବି ରହିପାରନ୍ତି।

## ଉଡ଼ିପାରୁ ନଥିବା ଶୁଆ

କାକାପୋ ହେଉଛି ବିଶ୍ୱର ସବୁଠୁ ଅଧିକ ସଂଖ୍ୟାରେ ଦେଖାଯାଉଥିବା ଶୁଆ ପ୍ରଜାତି, ଯେଉଁମାନେ ଉଡ଼ିପାରନ୍ତି ନାହିଁ ; କିନ୍ତୁ ଭଲଭାବେ ଡେଇଁପାରନ୍ତି ଆଉ ଗଛ ମଧ୍ୟ ଚଢ଼ିପାରନ୍ତି। ଏମାନଙ୍କ ଓଜନ ୨ରୁ ୪ କେଜି ହୋଇଥିବାବେଳେ ଏମାନେ ବହୁ ବର୍ଷ ଯାଏଁ ଅର୍ଥାତ୍ ପ୍ରାୟ ୪୦ରୁ ୮୦ ବର୍ଷ ଯାଏଁ ବଞ୍ଚିଥା'ନ୍ତି। ଏମାନଙ୍କର ଘ୍ରାଣଶକ୍ତି ତୀବ୍ର, କିନ୍ତୁ ଏମାନଙ୍କର ଶ୍ରବଣ ଶକ୍ତି ନାହିଁ।



## ବିଶ୍ୱର ସବୁଠୁ ବଡ଼ ଓ ଛୋଟ ପେନ୍

୨୦୧୧ ମସିହାରେ ଆଚାର୍ଯ୍ୟ ମକୁନୁରି ଶ୍ରୀନିବାସଙ୍କ ଦ୍ୱାରା ପୃଥିବୀର ସବୁଠୁ ବଡ଼ ପେନ୍ ତିଆରି ହୋଇଥିଲା। ଏହି ପେନ୍‌ର ଲମ୍ବ ୫.୫ ମିଟର ଏବଂ ଓଜନ ୩୭ କିଲୋଗ୍ରାମ ଥିଲା, ଯେଉଁଥିପାଇଁ ଏହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ମିଳିଥିଲା। ଏହା ଦେଖିବାକୁ ସୁଦୃଶ୍ୟ ଏବଂ ଏଥିରେ ମଧ୍ୟ ଲେଖି ପାରିବେ। ସେହିପରି 'ନାନୋଫାଉଣ୍ଟେନ୍ ପ୍ରୋବ୍' ପେନ୍ ହେଉଛି ବିଶ୍ୱର ସବୁଠୁ ଛୋଟ ପେନ୍।




# ଆଇନା



**ଅଙ୍କିତା ନାୟକ**
ବୟସ: ୧୦ ବର୍ଷ
ଭଦ୍ରକ

**ଅସୀମା ପଣ୍ଡା**
ବୟସ: ୧୨ ବର୍ଷ
ପୁରୀ





**ପି.ସାଇ ଶ୍ରେୟାଂଶି**
ବୟସ: ୫ ବର୍ଷ
ତାଳଚେର